କେ. ଏମ୍. ଏସ୍. ଉବୈଦା ଏବଂ ଅନ୍ୟଜଣେ

*ବନାମ*

କେରଳ ରାଜ୍ୟ ଏବଂ ଅନ୍ୟଜଣେ

25 ମାର୍ଚ୍ଚ, 1998

[ଜି. ଏନ୍. ରାୟ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*କେରଳ ଘରୋଇ ଜଙ୍ଗଲ (ନିହିତ ଏବଂ ନିର୍ଦ୍ଦିଷ୍ଟକରଣ) ଅଧିନିୟମ, 1971: ଧାରା 2(2)(1)(c) - 'କୃଷି ଫସଲ' - ଘରୋଇ ଜଙ୍ଗଲର ଅର୍ଥ - ସଂଜ୍ଞା - କେତେକ ନିର୍ଦ୍ଦିଷ୍ଟ ଜମିକୁ ବାଦ ଦେବା - ବ୍ୟବସ୍ଥିତ ମାନବ ପ୍ରୟାସ ଦ୍ୱାରା ବଢାଯାଇଥିବା ଶାଗୁଆନ – ବଢିଥିବା ଶାଗୁଆନ ପ୍ରାକୃତିକ ନୁହେଁ -ଏହି ପ୍ରଶ୍ନ ଯେ ଏପରି ଜମିକୁ ଘରୋଇ ଜଙ୍ଗଲ ପରିସରରୁ ବାଦ୍ ଦିଆଯାଇଛି କି - ନିର୍ଣ୍ଣୟ କରାଯାଇଥିଲା ଖଣ୍ଡ (c) କେବଳ ସେହି ଜମିଗୁଡ଼ିକୁ ସୁରକ୍ଷା ପ୍ରଦାନ କରିଥାଏ ଯାହା ମୁଖ୍ୟତଃ 'କୃଷି ଫସଲ' ସହିତ ଚାଷ କରାଯାଇଥାଏ - ସାଧାରଣତଃ ବୁଝାଯାଉଥିବା କୃଷି ଫସଲ, ଶାଗୁଆନ ବଗିଚାରେ ହେଉଥିବା କୃଷି କାର୍ଯ୍ୟର ଅର୍ଥ ବ୍ୟକ୍ତ କରେ ନାହିଁ - ସେଥିପାଇଁ, ଏପରି କାର୍ଯ୍ୟକୁ ଉକ୍ତ ଖଣ୍ଡ (c) ର ପରିସର ମଧ୍ୟରେ ଅଣାଯାଇପାରିବ ନାହିଁ ।*

*ଗ୍ୱାଲିୟର ରେୟନ୍ସ ସିଲ୍କ ମାନୁଫାକ୍ଚରିଙ୍ଗ (Wvg.) କୋ. ଲିମିଟେଡ୍* **ବନାମ** *କଷ୍ଟଡ଼ିଆନ ଅଫ ଭେଷ୍ଟେଡ୍ ଫରେଷ୍ଟସ୍ ପାଲଘାଟ ଏବଂ ଅନ୍ୟଜଣେ,* **[1990] Suppl. SCC 785, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 3497/1984 ।

M.F.A. ସଂଖ୍ୟା 338/1978 ରେ କେରଳ ଉଚ୍ଚ ନ୍ୟାୟାଳୟର 12.1.84 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପକ୍ଷରୁ ଟି. ଏଲ୍. ବିଶ୍ୱନାଥନ ଆୟର, ଏବଂ ଏ. ଏସ୍. ନାମ୍ବିଆର, ପି. କେ. ମନୋହର ଏବଂ ଶ୍ରୀମତୀ ଶାନ୍ତା ବାସୁଦେବନ ।

ଉତ୍ତରଦାତାମାନଙ୍କ ପକ୍ଷରୁ କେ. ଏମ. କେ. ନାୟର ଏବଂ ବିପିନ ନାୟର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

M.F.A. ସଂଖ୍ୟା 338/1978 ରେ କେରଳ ଉଚ୍ଚ ନ୍ୟାୟାଳୟର 12 ଜାନୁଆରୀ, 1984 ତାରିଖର ଆଦେଶ ଦ୍ୱାରା କରାଯାଇଥିବା ଅନୁମତି ପ୍ରଦାନରୁ ଏହି ଅପିଲ ଉତ୍ପନ୍ନ ହୋଇଛି । ଏହି ନ୍ୟାୟାଳୟର ନିର୍ଣ୍ଣୟ ପାଇଁ ଯେଉଁ ସଂକ୍ଷିପ୍ତ ପ୍ରଶ୍ନ ଉତ୍ପନ୍ନ ହୋଇଛି, ତାହା ହେଉଛି ଯେଉଁ ଜମିରେ ବ୍ୟବସ୍ଥିତ ଭାବେ ଶାଗୁଆନ ବଗିଚା କରାଯାଇଛି ଏବଂ ଶାଗୁଆନ ବଗିଚାର ବୃଦ୍ଧି ପ୍ରାକୃତିକ ନୁହେଁ, ସେହି ଜମିକୁ କେରଳ ଘରୋଇ ଜଙ୍ଗଲ (ନିହିତ ଏବଂ ନିର୍ଦ୍ଦିଷ୍ଟକରଣ) ଅଧିନିୟମ, 1971 ଅନୁଯାୟୀ ଘରୋଇ ଜଙ୍ଗଲ ପରିସରରୁ ବାଦ୍ ଦିଆଯିବ କି । ଏହା ଜଣାପଡୁଛି ଯେ ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରେ ନାହିଁ, ଉକ୍ତ ଅଧିନିୟମର ଧାରା 2 ଅନୁଯାୟୀ, ରାଜ୍ୟ ପୁନର୍ଗଠନ ଅଧିନିୟମ, 1956 ର ଧାରା 5 ର ଉପ-ଧାରା (2) ରେ ଉଲ୍ଲିଖିତ ମାଲାବାର ଜିଲ୍ଲା ସମ୍ବନ୍ଧରେ ଘରୋଇ ଜଙ୍ଗଲ ଅର୍ଥ ଏହା ଅଟେ ଯେ, ନିର୍ଦ୍ଧାରିତ ଦିନର ତୁରନ୍ତ ପୂର୍ବରୁ ଯେକୌଣସି ଜମି ଯେଉଁଥିରେ ମାଡ୍ରାସ ଘରୋଇ ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1949 ପ୍ରଶ୍ନରେ ଥିବା ଜମି ଉପରେ ଲାଗୁ ହୋଇଥିଲା । କିନ୍ତୁ କେରଳ ଅଧିନିୟମ ଅନୁଯାୟୀ କେତେକ ଜମିକୁ ଘରୋଇ ଜଙ୍ଗଲର ସଂଜ୍ଞାରୁ ବାଦ୍ ଦିଆଯାଇଛି ଏବଂ ଉପଧାରା (2)(1)(F) ର ଖଣ୍ଡ (c) ଆମ ବିଚାର ପାଇଁ ପ୍ରାସଙ୍ଗିକ ଅଟେ । ଖଣ୍ଡ (c) ରେ କୁହାଯାଇଛି ଯେ ଯେତେବେଳେ ଜମିରେ ମୁଖ୍ୟତଃ କାଜୁ କିମ୍ବା ଅନ୍ୟ ଫଳଦାୟୀ ଗଛ ଚାଷ କରାଯାଇଥାଏ କିମ୍ବା ମୁଖ୍ୟତଃ ଅନ୍ୟ କୌଣସି କୃଷି ଫସଲ ଚାଷ କରାଯାଇଥାଏ ସେଗୁଡିକୁ କେରଳ ଅଧିନିୟମ ଅନୁଯାୟୀ ଘରୋଇ ଜଙ୍ଗଲର ପରିସରରୁ ବାଦ୍ ଦିଆଯିବ ।

ଅପିଲକାରୀମାନଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଆୟର ଯୁକ୍ତି ବାଢ଼ିଥିଲେ ଯେ ଖଣ୍ଡ (c) କେବଳ କାଜୁ କିମ୍ବା ଅନ୍ୟାନ୍ୟ ଫଳନ୍ତି ଗଛଗୁଡିକୁ ନୁହେଁ ବରଂ ଅନ୍ୟ କୌଣସି ଜମି ଯେଉଁ ଗୁଡ଼ିକ ମୁଖ୍ୟତଃ କୃଷି ଫସଲ ଚାଷ ପାଇଁ ବ୍ୟବହୃତ ହୁଏ ତାହାକୁ ମଧ୍ୟ ବାଦ ଦେଇଥାଏ । ତତ୍କାଳୀନ ମାମଲାରେ, ମନୁଷ୍ୟର ବ୍ୟବସ୍ଥିତ ପ୍ରୟାସ ଦ୍ୱାରା ଶାଗୁଆନ ବଗିଚା କରାଯାଇଛି ଏବଂ ଏହା ଜଙ୍ଗଲର ପ୍ରାକୃତିକ ବୃଦ୍ଧିର ମାମଲା ନୁହେଁ ।ତେଣୁ, ଏପରି ଜମିକୁ ମୁଖ୍ୟତଃ କୃଷି ଫସଲ ଚାଷ କରାଯାଉଥିବା ଜମି ଭାବେ ନିର୍ଣ୍ଣୟ କରାଯିବା ଉଚିତ୍ । ତେଣୁ, ଉକ୍ତ କେରଳ ଅଧିନିୟମର ଅର୍ଥ ମଧ୍ୟରେ ଏପରି ଜମିକୁ ଘରୋଇ ଜଙ୍ଗଲ ପରିସରରୁ ବାଦ୍ ଦିଆଯିବ ।

ତଥାପି, ଆମେ ବିଜ୍ଞ ଅଧିବକ୍ତାଙ୍କ ଏପରି ଉପସ୍ଥାପନକୁ ଗ୍ରହଣ କରିବାରେ ଅସମର୍ଥ ଅଟୁ । ଉକ୍ତ କେରଳ ଅଧିନିୟମ ଅନୁଯାୟୀ ପ୍ରତ୍ୟେକ କୃଷି କାର୍ଯ୍ୟକୁ ବାଦ ଦିଆଯାଇନାହିଁ ଏବଂ ଖଣ୍ଡ (c) କେବଳ ସେହି ଜମିକୁ ସୁରକ୍ଷା ଦେଇଥାଏ ଯେଉଁଥିରେ ମୁଖ୍ୟତଃ କାଜୁ କିମ୍ବା ଫଳନ୍ତି ଗଛ ଚାଷ

କରାଯାଇଥାଏ ଏବଂ ମୁଖ୍ୟତଃ 'କୃଷି ଫସଲ' ଚାଷ କରାଯାଇଥାଏ । ସାଧାରଣତଃ ବୁଝାଯାଉଥିବା କୃଷି ଫସଲ, ଶାଗୁଆନ ବଗିଚାରେ ହେଉଥିବା କୃଷି କାର୍ଯ୍ୟର ଅର୍ଥ ବ୍ୟକ୍ତ କରେ ନାହିଁ । ସେଥିପାଇଁ, ଏପରି କାର୍ଯ୍ୟକୁ ଉକ୍ତ ଖଣ୍ଡ (c) ର ପରିସର ମଧ୍ୟରେ ଅଣାଯାଇପାରିବ ନାହିଁ ।

ଉତ୍ତରଦାତାମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା, *ଗ୍ୱାଲିୟର ରେୟନ୍ସ ସିଲ୍କ ମାନୁଫାକ୍ଟରିଙ୍ଗ (Wvg.) କୋ. ଲିମିଟେଡ୍* ବନାମ *କଷ୍ଟଡ଼ିଆନ ଅଫ ଭେଷ୍ଟେଡ୍ ଫରେଷ୍ଟସ୍ ପାଲଘାଟ ଏବଂ ଅନ୍ୟଜଣେ,* [1990] Suppl. SCC 785 ମାମଲାରେ ଏହି ଅଦାଲତର ନିର୍ଣ୍ଣୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରିଛନ୍ତି । ଉକ୍ତ ମାମଲାରେ, କେରଳ ଜଙ୍ଗଲ ଅଧିନିୟମର ପ୍ରୟୋଗ ପ୍ରସଙ୍ଗରେ ମାଲାବାର ଜିଲ୍ଲାରେ ଜଙ୍ଗଲ ଜମି ଭାବରେ ନ୍ୟସ୍ତ କରିବାର ପ୍ରଶ୍ନକୁ, ଯାହା ରାଜ୍ୟ ପୁନର୍ଗଠନ ପୂର୍ବରୁ ମାଡ୍ରାସ ଘରୋଇ ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1949 ଦ୍ୱାରା ପରିଚାଳିତ ହୋଇଥିଲା, ବିଚାରକୁ ନିଆଯାଇଥିଲା । ଉକ୍ତ ମାମଲାଗୁଡ଼ିକରେ, ୟୁକାଲିପ୍ଟସ୍ ଗଛ ବଢାଯାଇଥିବା କ୍ଷେତ୍ରରେ କୃଷି କାର୍ଯ୍ୟ ଉପରେ ବିଚାର କରାଯାଇଥିଲା । ଏହା ନିର୍ଣ୍ଣୟ କରାଯାଇଥିଲା ଯେ ଯେଉଁ ଜମି ଉପରେ ଏପରି କୃଷି କାର୍ଯ୍ୟ କରାଯାଇଥିଲା, ତାହା କେରଳର ଉକ୍ତ ଜଙ୍ଗଲ ଅଧିନିୟମ ଅନୁଯାୟୀ ଖଣ୍ଡ (c) ରୁ ବାଦ୍ ପଡ଼ିବ ନାହିଁ । ଏହି ନ୍ୟାୟାଳୟର ଉକ୍ତ ନିର୍ଣ୍ଣୟର ଅନୁଶୀଳନ ଏହି ମାମଲାର ତଥ୍ୟଗୁଡ଼ିକରେ ପ୍ରଯୁଜ୍ୟ ଅଟେ । ତେଣୁ, ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ନିର୍ଣ୍ଣୟରେ ହସ୍ତକ୍ଷେପ କରିବାର କୌଣସି କାରଣ ଆମେ ପାଉନାହୁଁ । ତେଣୁ, ଅପିଲଟି ବିଫଳ ହୋଇଛି ଏବଂ ଖାରଜ କରାଯାଇଛି, କିନ୍ତୁ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଟି. ଏନ୍. ଏ. | ଅପିଲ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ